# NATIONAL NEWS BULLETIN (ODIA)

**5 April - 2024**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଦ୍ୱିତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନ ଲାଗି ଦାଖଲ ହୋଇଥିବା ନାମାଙ୍କନପତ୍ର ଗୁଡ଼ିକର ଆଜି ଯାଞ୍ଚ କରାଯାଉଛି ।
- କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ଜାତୀୟ ଶିକ୍ଷା ନୀତି ୨୦୨୦ ଆଧାରରେ ମୂଲ୍ୟାୟନ ପ୍ରକ୍ରିୟାରେ ପରିବର୍ତ୍ତନ କରିଛି ।
- ଭାରତୀୟ ରିଜର୍ଭ ବ୍ୟାଙ୍କର ମୁଦ୍ରାନୀତି କମିଟି କ୍ରମାଗତ ସପ୍ତମ ଥର ପାଇଁ ରେପୋ ରେଟ୍ ଅପରିବର୍ତ୍ତିତ ରଖିଛି ।
- ଟୋଲ ଫ୍ରି ମାନସିକ ସ୍ୱାସ୍ଥ୍ୟ ହେଲ୍ପଲାଇନ୍ ର ଉପଲବ୍ଧତା ବିଷୟରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ୟୁଜିସି ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନକୁ ନିର୍ଦ୍ଦେଶ ଦେଇଛି

ଏବଂ

- ତାଇୱାନରେ ହୋଇଥିବା ଶକ୍ତିଶାଳୀ ଭୂମିକମ୍ପରେ ମୃତ୍ୟୁ ସଂଖ୍ୟା ୧୦କୁ ବୃଦ୍ଧି ପାଇଥିବା ବେଳେ ଆହତଙ୍କ ସଂଖ୍ୟା ହଜାରରୁ ଅଧିକ ରହିଛି ।

## ନୋମିନେସନ୍

ଦ୍ୱିତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନ ଲାଗି ଦାଖଲ ହୋଇଥିବା ନାମାଙ୍କନପତ୍ର ଗୁଡ଼ିକର ଆଜି ଯାଞ୍ଚ କରାଯାଉଛି । ତେବେ ଜାମ୍ମୁ

କାଶ୍ମୀରରେ ଯାଞ୍ଚ ପ୍ରକ୍ରିୟା ଆସନ୍ତାକାଲି ହେବ ବୋଲି ଜଣାଯାଇଛି । ଏହି ପର୍ଯ୍ୟାୟ ନିର୍ବାଚନ ଲାଗି ଗତକାଲି ମନୋନୟନପତ୍ର ଦାଖଲ କରିବାର ଶେଷ ଦିନ ଥିଲା । ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ୧୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୮୮ଟି ଲୋକସଭା ଆସନ ଲାଗି ଆସନ୍ତା ୨୬ ତାରିଖ ଦିନ ମତଦାନ ହେବ । ଆଉଟର ମଣିପୁର ଲୋକସଭା ଆସନର କେତେକ ସ୍ଥାନରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ମତଦାନ ହେବାକୁ ଥିବା ବେଳେ ବାକି ସ୍ଥାନରେ ଦ୍ୱିତୀୟ ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ ।

ଏହି ପର୍ଯ୍ୟାୟରେ ବିଭିନ୍ନ ଦଳରୁ ଗତକାଲି ଦାଖଲ କରିଥିବା ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ଉତ୍ତରପ୍ରଦେଶର ମଥୁରା ସଂସଦୀୟ ଆସନ ଲାଗି ବିଜେପି ପକ୍ଷରୁ ପ୍ରଖ୍ୟାତ ଚଳଚ୍ଚିତ୍ର ଅଭିନେତ୍ରୀ ହେମାମାଳିନୀ ନାମାଙ୍କନପତ୍ର ଦାଖଲ କରିଥିବା ବେଳେ କର୍ଣ୍ଣାଟକର ମାଣ୍ଡ୍ୟା ଆସନରୁ ଏଚ୍.ଡି. କୁମାରସ୍ୱାମୀ, ତ୍ରିଶୁର୍‌ରୁ ସୁରେଶ ଗୋପୀ, ଓ୍ୱାୟାନାଡ୍‌ରୁ କେ. ସୁରେନ୍ଦ୍ରନ୍ ଏବଂ କେରଳର ଆଲାପୁଝାରୁ କେ.ସି. ବେଣୁଗୋପାଳ ନିଜ ନିଜ ମନୋନୟନପତ୍ର ଦାଖଲ କରିଛନ୍ତି ।

## ପ୍ରଧାନମନ୍ତ୍ରୀ ରାଜସ୍ଥାନ ପ୍ରଚାର

ଲୋକସଭା ନିର୍ବାଚନ ପାଇଁ ଦେଶର ବିଭିନ୍ନ ସ୍ଥାନରେ ପ୍ରଚାର ଜୋର ଧରିଛି । ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଚୁରୁରେ ଦଳୀୟ ପ୍ରାର୍ଥୀ ଦେବେନ୍ଦ୍ର ଝାଝଡିଆଙ୍କ ସମର୍ଥନରେ ଏକ ନିର୍ବାଚନୀ ରାଲିକୁ ସମ୍ବୋଧିତ କରିବେ । ପ୍ରଧାନମନ୍ତ୍ରୀଙ୍କ ବୈଠକକୁ

ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହି ବୈଠକରେ ମୁଖ୍ୟମନ୍ତ୍ରୀ ଭଜନ ଲାଲ ଶର୍ମା, କେନ୍ଦ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଏବଂ ପୂର୍ବତନ ବିରୋଧୀ ଦଳ ନେତା ରାଜେନ୍ଦ୍ର ରାଠୋର ମଧ୍ୟ ଉପସ୍ଥିତ ରହିବେ।

ପ୍ରଧାନମନ୍ତ୍ରୀ ଆସନ୍ତାକାଲି ପୁଷ୍କର ଗସ୍ତ କରିବେ । ସେଠାରେ ସେ ନାଗୌର ଏବଂ ଅଜମେର ଲୋକସଭା ନିର୍ବାଚନ ମଣ୍ଡଳୀର ଦଳୀୟ ପ୍ରାର୍ଥୀଙ୍କ ସମର୍ଥନରେ ଏକ ନିର୍ବାଚନୀ ରାଲିକୁ ସମ୍ବୋଧିତ କରିବେ । ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ଜିତେନ୍ଦ୍ର ଗୋଥୱାଲ କହିଛନ୍ତି ପ୍ରଧାନମନ୍ତ୍ରୀଙ୍କ ଏହି ନିର୍ବାଚନୀ ସଭାକୁ ଦଳ 'ବିଜୟ ସଂକଳ୍ପ ସଭା' ନାମରେ ନାମିତ କରିଛି।

## ଭାରତ-ବାଂଲାଦେଶ

ଇଦ୍-ଉଲ୍-ଫିତର ଓ ପହେଲା ବୈଶାଖ ପାଇଁ ଆସନ୍ତା ୮ତାରିଖରୁ ଏକ ସପ୍ତାହ ପାଇଁ ମହାଦିପୁର-ସୋନମସଜିଦ ସ୍ଥଳ ବନ୍ଦର ଦେଇ ଭାରତ ଓ ବାଂଲାଦେଶ ମଧ୍ୟରେ ବାଣିଜ୍ୟ କାରବାର ବନ୍ଦ ରହିବ । ତେବେ ସ୍ଥଳବନ୍ଦର ଦେଇ ଯାତ୍ରୀଙ୍କ ଗମନାଗମନ ପୂର୍ବଭଳି ଜାରି ରହିବ। ପହେଲା ବୈଶାଖ ହେଉଛି ବଙ୍ଗଳା କ୍ୟାଲେଣ୍ଡର ଓ ସେଠାକାର ସରକାରୀ କ୍ୟାଲେଣ୍ଡରର ପ୍ରଥମ ଦିନ ।

ୟୁନାଇଟେଡ୍ ନ୍ୟୁଜ୍ ଅଫ୍ ବାଂଲାଦେଶ ଅନୁଯାୟୀ ସୋନା ମସଜିଦ୍ ଲ୍ୟାଣ୍ଡ ପୋର୍ଟର ସିଆଣ୍ଡଏଫ୍ ଏଜେଣ୍ଟସ ଆସୋସିଏସନ୍‌ର ସଭାପତି ଏହି ସୂଚନା ଦେଇଛନ୍ତି । ଏପ୍ରିଲ ୧୫ରୁ ସ୍ଥଳବନ୍ଦର ମାଧ୍ୟମରେ ବାଣିଜ୍ୟ ପୁଣି ଆରମ୍ଭ ହେବା ନେଇ ସୂଚନା ମିଳିଛି ।

## ୟୁଜିସି-ଟେଲିକମ୍

ଟୋଲ ଫ୍ରି ମାନସିକ ସ୍ୱାସ୍ଥ୍ୟ ହେଲ୍ପଲାଇନ୍ ର ଉପଲବ୍ଧତା ବିଷୟରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନକୁ ନିର୍ଦ୍ଦେଶ ଦେଇଛନ୍ତି। ଆୟୋଗ ସମସ୍ତ ବିଶ୍ୱବିଦ୍ୟାଳୟର କୁଳପତି ଏବଂ ସମସ୍ତ କଲେଜର ଅଧ୍ୟକ୍ଷମାନଙ୍କୁ ଏକ ବିଜ୍ଞପ୍ତିରେ କହିଛନ୍ତି ଟେଲି-ମାନସିକ ସ୍ୱାସ୍ଥ୍ୟ ହେଲ୍ପଲାଇନ ଆରମ୍ଭ ହେବା ପରଠାରୁ ଉଲ୍ଲେଖନୀୟ କାର୍ଯ୍ୟ କରିଛି ଏବଂ ଏହାକୁ ଜନସାଧାରଣଙ୍କ ମଧ୍ୟରେ ଲୋକପ୍ରିୟ କରାଯାଉଛି । ଟେଲି ମାନସ ହେଲ୍ପଲାଇନ ମାଗଣା ଓ ୨୪ ଘଣ୍ଟିଆ ଉପଲବ୍ଧ ବୋଲି ଦର୍ଶାଇ ଏହାକୁ ବ୍ୟାପକ ପ୍ରଚାର କରିବାକୁ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକୁ ଆୟୋଗ ଅନୁରୋଧ କରିଛନ୍ତି।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା ୨୦୨୨ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସରେ ଟେଲି ମାନସିକ ସ୍ୱାସ୍ଥ୍ୟ ନିଶ୍ଚିତତା ଏବଂ ନେଟୱାର୍କିଂ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ମାନସିକ ସ୍ୱାସ୍ଥ୍ୟ ସମସ୍ୟା ସହ

ସଂଘର୍ଷ କରୁଥିବା ଲୋକଙ୍କୁ ୨୪ ଘଣ୍ଟିଆ ସହାୟତା ପ୍ରଦାନ କରିବା ଏହି ପଦକ୍ଷେପର ଲକ୍ଷ୍ୟ ।

## ଅରୁଣାଚଳ ପୂର୍ବ ପିସି ପ୍ରୋଫାଇଲ୍

ଅରୁଣାଚଳ ପ୍ରଦେଶର ଦୁଇଟି ସଂସଦୀୟ ଆସନ ପାଇଁ ଆସନ୍ତା ୧୯ ତାରିଖରେ ଗୋଟିଏ ପର୍ଯ୍ୟାୟରେ ମତଦାନ ହେବ। ଅରୁଣାଚଳ ପୂର୍ବ ସଂସଦୀୟ କ୍ଷେତ୍ର ପାଇଁ ୬ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ବିଜେପି ପ୍ରାର୍ଥୀ ତଥା ଏହି ଆସନରୁ ବର୍ତ୍ତମାନର ସାଂସଦ ତାପିର ଗାଓ ଏବଂ ଭାରତୀୟ ଜାତୀୟ କଂଗ୍ରେସ ପାର୍ଟି ପ୍ରାର୍ଥୀ ବୋସିରାମ ସିରାମଙ୍କ ମଧ୍ୟରେ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱିତା ହେବ। ବୋସିରାମ ସିରାମ କଂଗ୍ରେସର ଜଣେ ବରିଷ୍ଠ ନେତା ଏବଂ ରାଜ୍ୟର ପୂର୍ବତନ କ୍ୟାବିନେଟ ମନ୍ତ୍ରୀ । ବିଜେପି ଓ କଂଗ୍ରେସ ବ୍ୟତୀତ ରାଜ୍ୟର ନବଗଠିତ ଦଳ ଅରୁଣାଚଳ ଡେମୋକ୍ରାଟିକ୍ ଫ୍ରଣ୍ଟ ମଧ୍ୟ ଏହି ଆସନପାଇଁ ପ୍ରାର୍ଥୀ ଦେଇଛି। ବାକି ୩ ଜଣ ସ୍ୱାଧୀନ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି । ଅରୁଣାଚଳ ପୂର୍ବ ସଂସଦୀୟ ନିର୍ବାଚନ ମଣ୍ଡଳୀରେ ୩୭ ଲକ୍ଷ ୫ ହଜାର ୩୧୦ ଜଣ ଭୋଟର ଥିବା ବେଳେ ୧୮ ଲକ୍ଷ ୯ ହଜାର ୭୪୦ ଜଣ ପୁରୁଷ, ୧୮ ଲକ୍ଷ ୫ହଜାର ୫୬୯ ଜଣ ମହିଳା ଓ ଜଣେ କିନ୍ନର ଭୋଟର ଅଛନ୍ତି । ଅରୁଣାଚଳ ପ୍ରଦେଶରେ  ୨୭ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ଓ ୯୨୦ଟି ମତଦାନ କେନ୍ଦ୍ର ରହିଛି।

## ଇସିଆଇ- ଆତିସି

ଆମ୍ ଆଦମୀ ପାର୍ଟି ନେତ୍ରୀ ତଥା ଦିଲ୍ଲୀ ମନ୍ତ୍ରୀ ଆତିଶୀଙ୍କୁ ତାଙ୍କ ରାଜନୈତିକ କ୍ୟାରିୟର ବଞ୍ଚାଇବା ପାଇଁ ବିଜେପିରେ ଯୋଗ ଦେବାକୁ ପ୍ରସ୍ତାବ ଦିଆଯାଇଥିବା ଅଭିଯୋଗରେ ନିର୍ବାଚନ ଆୟୋଗ ତାଙ୍କୁ ନୋଟିସ୍ ଜାରି କରିଛନ୍ତି। ଆସନ୍ତା ସୋମବାର ମଧ୍ୟାହ୍ନ ସୁଦ୍ଧା ଏହି ନୋଟିସ୍‌ର ଜବାବ ଦାଖଲ କରିବାକୁ କୁହାଯାଇଛି। ଆୟୋଗ ତାଙ୍କ ନୋଟିସରେ କହିଛନ୍ତି ଯେ ଭୋଟରମାନେ ସେମାନଙ୍କ ନେତାଙ୍କ ଦ୍ୱାରା ସାର୍ବଜନୀନ ମଞ୍ଚରୁ ଯାହା ଘୋଷଣା କରାଯାଏ ତାହାକୁ ବିଶ୍ୱାସ କରନ୍ତି । ସେମାନଙ୍କର ବକ୍ତବ୍ୟ ସେହିଭଳି ଭାବରେ ପ୍ରଚାର ଓ ପ୍ରସାର ହେଲେ ତାହା ନିର୍ବାଚନର ଫଳାଫଳକୁ ପ୍ରଭାବିତ କରିଥାଏ । ଆପ୍ ନେତାଙ୍କ ବକ୍ତବ୍ୟର ବାସ୍ତବ ଭିତ୍ତିଭୂମି ରହିବା ଆବଶ୍ୟକ । ଏହା ପୂର୍ବରୁ ଆତିଶୀଙ୍କ ବିରୋଧରେ ବିଜେପି ପକ୍ଷରୁ ମଧ୍ୟ ଅଭିଯୋଗ ଅଣାଯାଇଥିଲା ।

## ବିହାର-ଲୋକସଭା ପିସି ପ୍ରୋଫାଇଲ୍

ଲୋକସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ବିହାରର ହେବାକୁ ଥିବା ମହତ୍ତ୍ୱପୂର୍ଣ୍ଣ ଆସନ ମଧ୍ୟରୁ ଜାମୁଇ ସଂସଦୀୟ କ୍ଷେତ୍ର ଅନ୍ୟତମ । ଏହି ଆସନରୁ ମୋଟ ୭ ଜଣ ପ୍ରାର୍ଥୀ ନିଜର ଭାଗ୍ୟ ପରୀକ୍ଷା କରୁଛନ୍ତି। ବିଜେପିର ସହଯୋଗୀ ଲୋକ ଜନ ଶକ୍ତି ପାର୍ଟି ରାମବିଳାସ (ଏଲଜେପି-

ଆର) ଏହି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଛି। ଏନଡିଏ ପ୍ରାର୍ଥୀଙ୍କ ବିପକ୍ଷରେ ଆରଜେଡି ଜଣେ ମହିଳାଙ୍କୁ ପ୍ରାର୍ଥୀ କରିଛି । ଆସନ୍ତା ୧୯ ତାରିଖରେ ଏହି ଆସନରେ ମତଦାନ ହେବ।

ଆମ ସମ୍ବାଦଦାତା ଜଣାଇଛନ୍ତି ଯେ ବରିଷ୍ଠ ବିଜେପି ନେତା ତଥା ଷ୍ଟାର ପ୍ରଚାରକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଜାମୁଇରେ ଏନଡିଏର ଉଦ୍‌ଘାଟନୀ ନିର୍ବାଚନ ପ୍ରଚାର ପରେ ବିହାରରେ ରାଜନୈତିକ କାର୍ଯ୍ୟକଳାପ ଜୋରଦାର ହୋଇଛି। ଏଲଜେପି (ଆର) ଏବଂ ଆରଜେଡି ମଧ୍ୟରେ ମୁଖ୍ୟ ପ୍ରତିଦ୍ୱନ୍ଦିତା ହେବାର ସମ୍ଭାବନା ରହିଛି । ଜାମୁଇ ବ୍ୟତୀତ ଏହି ସଂସଦୀୟ କ୍ଷେତ୍ର ଶେଖପୁରା ଏବଂ ମୁଙ୍ଗେର ଜିଲ୍ଲା ପର୍ଯ୍ୟନ୍ତ ବ୍ୟାପିଛି । ଚଳିତ ବର୍ଷ ୧୯ ଲକ୍ଷରୁ ଅଧିକ ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ।

୨୦୧୪ ଓ ୨୦୧୯ରେ ଲଗାତାର ଦୁଇଟି ବିଜୟ ପରେ ଜାମୁଇର ବର୍ତ୍ତମାନର ସାଂସଦ ଚିରାଗ ପାସୱାନ ଉତ୍ତର ବିହାରର ହାଜିପୁର ସଂସଦୀୟ କ୍ଷେତ୍ରରୁ ନିର୍ବାଚନ ଲଢ଼ିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ଆସନରୁ ଏଲଜେପି (ଆର) ଅରୁଣ ଭାରତୀଙ୍କୁ ପ୍ରାର୍ଥୀ କରିଛି । ଏଠାରୁ ଆରଜେଡିରୁ ଅର୍ଚ୍ଚନା ରବିଦାସ ସଂସଦୀୟ ନିର୍ବାଚନ ରାଜନୀତିରେ ପଦାର୍ପଣ କରିଛନ୍ତି।

## ଦ୍ୱିମାସିକ ଆରବିଆଇ-ପଲିସି

ଭାରତୀୟ ରିଜର୍ଭ ବ୍ୟାଙ୍କର ମୁଦ୍ରାନୀତି କମିଟି କ୍ରମାଗତ ସପ୍ତମ ଥର ପାଇଁ ରେପୋ ରେଟ୍ ଅପରିବର୍ତ୍ତିତ ରଖିଛି। ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ଆଜି ମୁଦ୍ରାନୀତି ବିବୃତି ଘୋଷଣା କରି ରେପୋ ରେଟ୍ କୁ ୬.୫% ରଖିଛନ୍ତି। ଚଳିତ ଆର୍ଥିକ ବର୍ଷରେ ବାସ୍ତବ ଜିଡିପି ହାର ୭ ପ୍ରତିଶତ ଥିବା ବେଳେ ଖାଉଟି ମୂଲ୍ୟ ସୂଚକାଙ୍କ ମୁଦ୍ରାସ୍ଫୀତି ୪.୫ ପ୍ରତିଶତ ରହିବ ବୋଲି ସେ କହିଛନ୍ତି।

ଶ୍ରୀ ଦାସ କହିଛନ୍ତି ଯେ ୨୦୨୪ ମାର୍ଚ୍ଚ ୨୯ ତାରିଖ ସୁଦ୍ଧା ଭାରତର ବୈଦେଶିକ ମୁଦ୍ରା ଭଣ୍ଡାର ସର୍ବକାଳୀନ ସର୍ବୋଚ୍ଚ ସ୍ତର ୬୪୫.୬ ବିଲିୟନ ଡଲାରରେ ପହଞ୍ଚିଛି। ୨୦୨୪ରେ ବିଶ୍ୱ ବାଣିଜ୍ୟରେ ସୁଧାର ଆସିବ ବୋଲି ଆଶା କରାଯାଉଥିଲେ ମଧ୍ୟ ଏହା ହାରାହାରି ଠାରୁ କମ୍ ରହିବ ବୋଲି ସେ କହିଛନ୍ତି। ଶ୍ରୀ ଦାସ କହିଛନ୍ତି, ଘରୋଇ କ୍ଷେତ୍ରରେ ଗ୍ରାମାଞ୍ଚଳରେ ଚାହିଦା ବୃଦ୍ଧି ପାଉଛି, ଅସଂଗଠିତ କ୍ଷେତ୍ରରେ ଉନ୍ନତି ହେଉଛି ଓ ପୁଞ୍ଜିନିବେଶ ବୃଦ୍ଧି ପାଉଛି। ଆନ୍ତର୍ଜାତିକ ପରିସ୍ଥିତି ବିଷୟରେ ସେ କହିଛନ୍ତି, ବିକାଶ ଲାଭ କରୁଥିବା ଦେଶର ଅର୍ଥନୀତିରେ ଭୂ-ରାଜନୈତିକ ସ୍ଥିତି ଏବଂ ବିପୁଳ ପରିମାଣର ସରକାରୀ ଋଣ ଅତ୍ୟନ୍ତ ଚିନ୍ତାର ବିଷୟ।

## ସିବିଏସ୍ଇ-ପରୀକ୍ଷା

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ଜାତୀୟ ଶିକ୍ଷା ନୀତି ୨୦୨୦ ଆଧାରରେ ମୂଲ୍ୟାୟନ ପ୍ରକ୍ରିୟାରେ ପରିବର୍ତ୍ତନ କରିଛି । ଏଥିପାଇଁ

ପରିବର୍ତ୍ତିତ ଫର୍ମାଟ ଅଧିକ ଦକ୍ଷତା ସଂପନ୍ନ  ଏବଂ ସ୍ୱଳ୍ପ ଉତ୍ତର ଭିତ୍ତିକ ପ୍ରଶ୍ନ ଉପରେ ଆଧାରିତ ହେବ।

ସଂଶୋଧିତ ମାର୍ଗଦର୍ଶିକା ଅନୁଯାୟୀ ଏକାଦଶ ଓ ଦ୍ୱାଦଶ ଶ୍ରେଣୀରେ ମଲ୍‌ଟିପୁଲ୍ ଚଏସ୍ ପ୍ରଶ୍ନ ଓ ଅନ୍ୟ କୌଣସି ପ୍ରକାରର ଦକ୍ଷତା ଭିତ୍ତିକ ପ୍ରଶ୍ନ ସଂଖ୍ୟା ୪୦ ପ୍ରତିଶତରୁ ୫୦ ପ୍ରତିଶତକୁ ବୃଦ୍ଧି କରାଯାଇଛି। ଅପରପକ୍ଷରେ ୨୦୨୪-୨୫ ଶିକ୍ଷାବର୍ଷରେ ପ୍ରଚଳିତ ଢାଞ୍ଚା ଅନୁଯାୟୀ କ୍ଷୁଦ୍ର ଉତ୍ତର ପ୍ରଶ୍ନ ଓ ଲମ୍ବା ଉତ୍ତର ଭିତ୍ତିକ ପ୍ରଶ୍ନଗୁଡ଼ିକୁ ୪୦ ପ୍ରତିଶତରୁ ୩୦ ପ୍ରତିଶତକୁ ହ୍ରାସ କରାଯାଇଛି।

ତେବେ ୨୦୨୪-୨୫ ଶିକ୍ଷାବର୍ଷ ପାଇଁ ନବମ ଓ ଦଶମ ଶ୍ରେଣୀ ପରୀକ୍ଷା ପାଇଁ ପ୍ରଶ୍ନପତ୍ର ପ୍ରସ୍ତୁତିରେ କୌଣସି ପରିବର୍ତ୍ତନ କରାଯାଇନାହିଁ।

## ତାଇୱାନ-ଭୂମିକମ୍ପ ଟୋଲ୍

ତାଇୱାନରେ ହୋଇଥିବା ଶକ୍ତିଶାଳୀ ଭୂମିକମ୍ପରେ ମୃତ୍ୟୁ ସଂଖ୍ୟା ୧୦କୁ ବୃଦ୍ଧି ପାଇଥିବା ବେଳେ ଆହତଙ୍କ ସଂଖ୍ୟା ହଜାରରୁ ଅଧିକ ରହିଛି ।  ପାହାଡ଼ିଆ ଅଞ୍ଚଳରେ ଥିବା ହୁଆଲିନ୍ ଏବଂ ରାଜଧାନୀ ତାଇପେକୁ ଏହି ଭୂମିକମ୍ପ ଗୁରୁତର ଭାବେ ପ୍ରଭାବିତ କରିଛି। ଏହା ହୁଆଲିନରେ ସବୁଠାରୁ ଅଧିକ କ୍ଷୟକ୍ଷତି ଘଟାଇ ବହୁ କୋଠାବାଡ଼ିକୁ ଧରାଶାୟୀ କରିଛି । ଏଥିସହିତ ବିଭିନ୍ନ ସ୍ଥାନରେ ରାସ୍ତା ଅବରୋଧ ହୋଇଥିବା ବେଳେ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଛି ।

ଗତ ୨୫ ବର୍ଷ ମଧ୍ୟରେ ତାଇୱାନକୁ ପ୍ରଭାବିତ କରିଥିବା ଏହା ସବୁଠାରୁ ଶକ୍ତିଶାଳୀ ଭୂମିକମ୍ପ । ସୂଚନା ଅନୁଯାୟୀ, ଏହି ଘଟଣାରେ ୪ ଜଣ ଭାରତୀୟ, କାନାଡା ଓ ଅଷ୍ଟ୍ରେଲୀୟଙ୍କ ସମେତ ୧୮ ଜଣ ଏବେ ବି ନିଖୋଜ ଅଛନ୍ତି ।